# ପ୍ରାକ୍ ବିବାଦ ସମାଧାନ କେନ୍ଦ୍ର ଉଦଘାଟିତ ।

# Inauguration of pre-litigation centre.

ଅନୁଗୋଳ,ତା.୩୧.୫:- ବିଭିନ୍ନ ସମସ୍ୟା ଓ ବିବାଦର ଆଶୁ ସମାଧାନ ନିମନ୍ତେ ପ୍ରାକ୍ ବିବାଦ ସମାଧାନ କେନ୍ଦ୍ର ଆଜି ପୂର୍ବାହ୍ନରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କାର୍ଯ୍ୟାଳୟରେ ଉଦଘାଟିତ ହୋଇଯାଇଛି । ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଉଚ୍ଚ ନ୍ୟାୟାଳୟର ନ୍ୟାୟମୁର୍ତ୍ତୀ ଜଷ୍ଟିସ୍ କୁମାରୀ ସଞ୍ଜୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଛନ୍ତି । ଏହି କେନ୍ଦ୍ରରେ ବୈବାହିକ ସମସ୍ୟା, ପାରିବାରିକ କଳହ ଏବଂ ଅନ୍ୟାନ୍ୟ ଅଦାଲତ ସମ୍ବନ୍ଧୀୟ ମକଦ୍ଦମା ଦାୟର ପୂର୍ବରୁ ଆପୋଷ ସମାଧାନ କରାଯିବ । ପଡି ରହିଥିବା ମାମଲା ଗୁଡିକୁ ହ୍ରାସ କରିବା ଓ ଅଭିଯୋଗକାରୀଙ୍କୁ ଖର୍ଚ୍ଚାନ୍ତରୁ ନିବୃତ୍ତ ରଖିବା ଉଦ୍ଦେଶ୍ୟରେ ଏହା ଆରମ୍ଭ ହୋଇଛି । ଏହାଦ୍ଵାରା ଅନୁଗୋଳ ଜିଲ୍ଲାର ଜନସାଧାରଣ ଉପକୃତ ହେବେ ବୋଲି ମୁଖ୍ୟ ଅତିଥି ଆଶାବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ସଦସ୍ୟ ସଚିବ ଶ୍ରୀଯୁକ୍ତ ଦେବାଶିଷ ନାୟକ,ଅନୁଗୋଳ ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶାନ୍ତ କୁମାର ଦାସ,ରାଜ୍ୟ ଆଇନ୍ ସେବା ପ୍ରାଧିକରଣର ଉପସଚିବ ଶ୍ରୀ ଦିପକ ରଂଜନ ସାହୁ, ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ଵତନ୍ତ୍ର ଜଜ୍(ଭିଜିଲାନସ) ଶ୍ରୀମତୀ ରୁପଶ୍ରୀ ଚୌଧୁରୀ, ରେଜିଷ୍ଟ୍ରାର ଶ୍ରୀଯୁକ୍ତ ବାସୁଦେବ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀମତୀ ଲିଲିପ୍ସା ପଶାୟତ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ନିଲୋଫର ,ପ୍ରୋବେସନର ଶ୍ରୁତି ସ୍ଵରୁପା ସାହୁ ଓ ସଂଜିବ ପଣ୍ଡା, ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ସୁବାସ ମିଶ୍ର, ସରକାରୀ ଓକିଲ ଶ୍ରୀ ପରମାନନ୍ଦ ମିଶ୍ର, ଅନୁଗୋଳ ବାର ଆସୋସିଏସନର ଉପ ସଭାପତି ଶ୍ରୀମତୀ ମମତା ପଟ୍ଟନାୟକ, ଅନୁଗୋଳ ବାର ଆସୋସିଏସନର ସମ୍ପାଦକ ଶ୍ରୀ ହିମାଂଶୁ ଭୂଷଣ ସାମଲ ଓ ବାର ଆସୋସିଏସନର ପୂର୍ବତନ ସଭାପତି ଶ୍ରୀ ଦିଲିପ କୁମାର ଦାସଙ୍କ ସମେତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମସ୍ତ ମେଡିଏଟର,ଆଇନଜିବୀ ଓ ସ୍ଵେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଅଭିନନ୍ଦିତା ପଣ୍ଡା ପରିଚାଳନା କରିଥିଲେ ।


FRONT OFFICE
District Legal Services Authority
Angul

